**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**25 May – 2024**

# ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆଜି ସକାଳ ୭ଟାରୁ ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ଆରମ୍ଭ ହୋଇଛି। ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଓ ଢେଙ୍କାନାଳ । ଏହି ପର୍ଯ୍ୟାୟରେ ଖୋର୍ଦ୍ଧା, ନୟାଗଡ, କଟକ, ପୁରୀ, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଦେବଗଡ ଜିଲ୍ଲାର ୧୦ହଜାର ୫୫୧ଟି ମତଦାନ କେନ୍ଦ୍ରରେ ୯୪ଲକ୍ଷ ୪୮ହଜାର ୫୫୩ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିରେ ୪୪୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

# ଦେଶର ଷଷ୍ଠ ପର୍ଯ୍ୟାୟ ନିର୍ବାଚନ

ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆଜି ଓଡ଼ିଶା ସମେତ ବିହାର, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଜାମ୍ମୁ କାଶ୍ମୀରରେ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ମୋଟ୍ ୮ଶହ ଅଣାନବେ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଦେଶର ୧ଲକ୍ଷ ୧୪ହଜାର ଭୋଟ୍‌ଗ୍ରହଣ

କେନ୍ଦ୍ରରେ ୧୧କୋଟି ୧୩ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

## କେନ୍ଦୁଝର ଲୋକସଭା ଆସନ

ଚଳିତ ନିର୍ବାଚନରେ କେନ୍ଦୁଝର ଲୋକସଭା ଆସନ ପାଇଁ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିପରି ୬ଟି ବିଧାନସଭା ମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ କେନ୍ଦୁଝରରୁ ୧୦ଜଣ, ଚମ୍ପୁଆରୁ ୧୫, ପାଟଣାରୁ ୧୦, ତେଲକୋଇରୁ ୭, ଘସିପୁରାରୁ ୧୩ ଓ ଆନନ୍ଦପୁରରୁ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

### କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ଆସନ୍ତାକାଲି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆଜି ବିଜେପି ଦଳର ବରିଷ୍ଠ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦଳୀୟ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଆସୁଛନ୍ତି । ସେ ପାରାଦ୍ୱୀପର କୁଜଙ୍ଗ, କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ଆଳି ଏବଂ ବାଲେଶ୍ୱର ସଂସଦୀୟ କ୍ଷେତ୍ର

ଅନ୍ତର୍ଗତ ରେମୁଣାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

ଅନ୍ୟପକ୍ଷରେ ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଓ ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ  ପ୍ରଚାର କରିଥିଲେ ।

## ହାତୀଗଣନା

ରାଜ୍ୟରେ ୨୨ ତାରିଖରୁ ଆରମ୍ଭ ହୋଇଥିବା ହାତୀ ଗଣନା ଶେଷ ହୋଇଛି। ଜଙ୍ଗଲ ବିଭାଗର ସୂଚନା ଅନୁଯାୟୀ ଚନ୍ଦକା, ଡମପଡା ହସ୍ତୀ ଅଭୟାରଣ୍ୟରେ ୪୫ଟି ହାତୀ ଥିବା ଜଣାପଡିଛି ।  ଡମପଡା ରେଞ୍ଜରେ ସର୍ବାଧିକ ୨୧ଟି ହାତୀ ଥିବାବେଳେ ଚନ୍ଦକାରେ ୩ଟି, ହଳଦିଆରେ ୬ଟି ଓ ଭୁବନେଶ୍ୱର ରେଞ୍ଜ ଭରତପୁରରେ ୧୫ଟି ହାତୀ ଅଛନ୍ତି । ରାଜ୍ୟରେ ଥିବା ୫୧ଟି ଡିଭିଜନରୁ ୪୬ଟି ଡିଭିଜନରେ ହାତୀ ଅଛନ୍ତି । ତେବେ ୫ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ପୁରୀ, କେନ୍ଦ୍ରାପଡା ଏବଂ ଜଗତସିଂହପୁରରେ ହାତୀଙ୍କ ଚଳପ୍ରଚଳ ନ ଥିବା ବନବିଭାଗ ତରଫରୁ ସୂଚନା ମିଳିଛି ।

# ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ

ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ କାର୍ଯ୍ୟକ୍ରମରେ ୩୦୦ ଶିକ୍ଷାର୍ଥୀଙ୍କୁ ଚୟନ କରାଯାଇଛି । ସମ୍ପୃକ୍ତ ଶିକ୍ଷାର୍ଥୀମାନେ ରାଜ୍ୟର ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ଗବେଷଣା କରିବେ । ମୋଟ୍ ୪୭ଟି ବିଷୟରେ ଛାତ୍ରଛାତ୍ରୀମାନେ ପିଏଚ୍‌ଡି ପଞ୍ଜିକରଣ ପରଠାରୁ ୪ବର୍ଷ ପର୍ଯ୍ୟନ୍ତ ଗବେଷଣା କରିବେ । ଏହି କାର୍ଯ୍ୟକ୍ରମ ଅଧୀନରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଗବେଷଣା ଲାଗି ମାସକୁ ୩୦ହଜାର ଟଙ୍କା ଓ ବିଜ୍ଞାନ ପ୍ରାକ୍ଟିକାଲ ବିଷୟରେ ଗବେଷଣା ପାଇଁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

# ଧାନସଂଗ୍ରହ

ରାଜ୍ୟରେ ଧାନସଂଗ୍ରହ ପୂର୍ବରୁ ପ୍ୟାକ୍ସ ଓ ଲାମ୍ପ୍‌ସ ଭିତ୍ତିଭୂମିର ବିକାଶ କରାଯିବ । ରାଜ୍ୟ ସରକାରଙ୍କ ସମବାୟ ବିଭାଗର ବୈଠକରେ ଏହି ନିଷ୍ପତ୍ତି ହୋଇଛି । ବିଭାଗୀୟ ସଚିବ ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମବାୟ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଥିଲା ।

# ମାଟ୍ରିକ ପରୀକ୍ଷାଫଳ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଆସନ୍ତାକାଲି ପ୍ରକାଶ ପାଇବ । ଏଥିସହିତ ସଂସ୍କୃତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇବ । ପୂର୍ବାହ୍ନ ୧୧ଟା ୩୦ରେ ପରୀକ୍ଷାଫଳ ପରିଷଦର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବାକୁ ଥିବାବେଳେ ଅପରାହ୍ଣରେ ଟାବୁଲେସନ ରେଜିଷ୍ଟ୍ରର ଉପଲବ୍ଧ ହେବ ।

ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ଆସନ୍ତାକାଲି ପ୍ରକାଶ ପାଇବ । ଅପରାହ୍ଣ ୩ଟାରେ **orissaresults.nic.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଏହାଛଡା ଡିଜି ଲକର ଜରିଆରେ ମଧ୍ୟ ପରୀକ୍ଷାଫଳ ଜାଣିହେବ ବୋଲି ପରିଷଦ ସୂଚନା ଦେଇଛି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ଆଜି ଏହା ବାତ୍ୟାର ରୂପ ନେବାର ସମ୍ଭାବନା ରହିଥିବା ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଏହା ଭୀଷଣ ବାତ୍ୟାରେ ପରିଣତ ହୋଇ ସାଗରଦ୍ୱୀପ ଓ ଖେପୁପରା ମଝିରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ଲ୍ୟାଣ୍ଡଫଲ

କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉତ୍ତର ଓ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ । ସମ୍ଭାବ୍ୟ ବାତ୍ୟା ନେଇ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି ।